## ସଂକ୍ଷେପରେ

### ମତ୍ସ୍ୟ ଓ କଚ୍ଛପ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

**ନୀଳଗିରି, ୭।୭(ଡି.ଏନ.ଏ.):** ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାଲେଶ୍ୱର ଜିଲାର ନୀଳଗିରି ରଥଯାତ୍ରାରେ ଭକ୍ତଙ୍କ ଗହଳି ଲାଗି ରହିଛି। ମାଉସୀ ମା' ମନ୍ଦିର ଆଡପମଣ୍ଡପରେ ପୂଜା ପାଉଥିବା ଶ୍ରୀଜୀଉ ରବିବାର ମତ୍ସ୍ୟ ଓ କଚ୍ଛପ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏଥିଲାଗି ମନ୍ଦିର ପରିବେଶ ଉତ୍ସବମୁଖର ହୋଇ ଉଠିଥିଲା। ଭକ୍ତଙ୍କ ଭିଡ ନିୟନ୍ତ୍ରଣ ଲାଗି ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା।

ମାଉସୀ ମା' ମନ୍ଦିରକୁ ବିଜେ କରିଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥ ମତ୍ସ୍ୟ ଓ ବଡଭାଇ ବଳଭଦ୍ର କଚ୍ଛପ ବେଶରେ ଶୋଭା ପାଉଥିଲେ। ଏହି ଅନନ୍ୟ ବେଶକାନ୍ତି ଭକ୍ତମାନସକୁ ମୋହିତ କରିଥିଲା। ସହକାରୀ ପୂଜକଙ୍କ ସମେତ ସେବାୟତମାନେ ଶ୍ରୀଜୀଉଙ୍କୁ ବେଶ କରାଇଥିଲେ। ପରେ ରୀତିନୀତି ଅନୁଯାୟୀ ଶ୍ରୀଜୀଉଙ୍କ ନିକଟରେ ସନ୍ଧ୍ୟାଧୂପ, ଦୀପ, ଆଳତି ଆଦି ପୂଜାର୍ଚ୍ଚନା ପରେ ଭୋଗ ନୈବେଦ୍ୟ ଉପଚାର କରାଯାଇଥିଲା। ହରିବୋଲ ହୁଳହୁଳି ଧ୍ୱନି ସମେତ ଭଜନକୀର୍ତ୍ତନ ଓ ଶଙ୍ଖନାଦରେ ମାଉସୀ ମା' ମନ୍ଦିର ପ୍ରକମ୍ପିତ ହୋଇ ଉଠିଥିଲା। ମନ୍ଦିର ନିକଟରେ ମୁତୟନ ଥିବା ପୋଲିସ ଶ୍ରୀଜୀଉଙ୍କ ବେଶ ଦର୍ଶନ ଲାଗି ଆସିଥିବା ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ କରିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ସୋମବାର ହେରାପଞ୍ଚମୀରେ ଶ୍ରୀଜୀଉ ଭକ୍ତଙ୍କୁ ଲକ୍ଷ୍ମୀ ନାରାୟଣ ବେଶରେ ଦର୍ଶନ ଦେବେ ବୋଲି ସହକାରୀ ପୂଜକ ହରିବନ୍ଧୁ କର ସୂଚନା ଦେଇଛନ୍ତି।

### ସଦସ୍ୟତା ହେଉଛି ଦଳର ଶକ୍ତି: ପ୍ରତାପ

**ସଜନାଗଡ଼, ୭।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀ ୧୧ନଂ. ବଣସୀମା ମଣ୍ଡଳର ଧରମପୁର ପଞ୍ଚାୟତରେ ଶନିବାର ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ ଆରମ୍ଭ କରାଯାଇଛି। ସନ୍ଧ୍ୟା ସମୟରେ ସ୍ଥାନୀୟ ବାସନ୍ତୀ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗ ଦେଇଥିଲେ। ଏହି ସଦସ୍ୟତା ଅଭିଯାନ ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଉଭୟ ଅନଲାଇନ୍ ଓ ଅଫଲାଇନ୍ ମାଧମରେ ସଦସ୍ୟତା ଗ୍ରହଣ କରାଯାଇ ପାରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତାପ କହିଥିଲେ। ଏହି ଅଭିଯାନକୁ ତୃଣମୂଳସ୍ତରରେ ସଫଳ ରୂପାୟନ କରିବା ପାଇଁ ଦଳୀୟ କର୍ମକର୍ତ୍ତା ସହଯୋଗର ହାତ ବଢ଼ାଇବାକୁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରି ସଦସ୍ୟତା ଦଳର ଶକ୍ତି ଓ ପରାକ୍ରମ ବୋଲି କହିଥିଲେ। ଭାଜପା ଜିଲା ସଦସ୍ୟତା ସହପ୍ରମୁଖ ଚନ୍ଦ୍ରଶେଖର ନନ୍ଦ, ଗଙ୍ଗାଧର ମିଶ୍ର, ଯୁବନେତା ଉପେନ୍ଦ୍ର ଦାସ, ସିପ୍ରା ବାଜପେୟୀ, କମଳାକାନ୍ତ ମହାକୁଡ଼, ଅକ୍ଷୟ ବେହେରା, କରୁଣାକର ପଣ୍ଡା, ମୃତ୍ୟୁଞ୍ଜୟ ରାୟ ମହାମାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ବିଭିନ୍ନ ସ୍ଥାନରେ ସଦସ୍ୟତା ଅଭିଯାନ

**ବାଲେଶ୍ୱର ଅଫିସ/ରେମୁଣା/୭।୭(ଡି.ଏନ.ଏ.):** ରବିବାର ସନ୍ଧ୍ୟାରେ ଭାଜପା ବାଲେଶ୍ୱର ନଗର କମିଟି ତରଫରୁ ବାଲେଶ୍ୱର ସହରର ବାରବାଟୀ ଠାରେ ଆୟୋଜିତ ସଦସ୍ୟତା ଅଭିଯାନରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସଦର ବିଧାୟକ ମଦନ ମୋହନ ଦତ୍ତ ଯୋଗ ଦେଇଥିଲେ। ନୂତନ ସଦସ୍ୟଙ୍କୁ କେନ୍ଦ୍ରମନ୍ତ୍ରୀ ଓ ବିଧାୟକ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସବୁଜ ଭାରତ ମିଶନ ପାଇଁ ବିଧାୟକ ଏବଂ ମନ୍ତ୍ରୀ ଉଭୟ ଦୁଇଟି ବୃକ୍ଷରୋପଣ କରିଥିଲେ। ନଗର ଭାଜପା ସଭାପତି ସୀତାକାନ୍ତ ସ୍ୱାଇଁ, ବାଲେଶ୍ୱର ନଗରର ସଦସ୍ୟତା ପ୍ରମୁଖ ସୁଜିତ ଦେବ ଓ ଚିତ୍ତରଞ୍ଜନ ପଣ୍ଡା ଏବଂ ସଦସ୍ୟତା ସହ ପ୍ରମୁଖ ଉପେନ୍ଦ୍ର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେମୁଣା ମନ୍ଦିରଛକ ନିକଟ ହନୁମାନ କଲ୍ୟାଣମଣ୍ଡପଠାରେ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ସଦର ବିଧାୟକ ତଥା ଭାଜପାର ଜିଲା ସଭାପତି ମଦନମୋହନ ଦତ୍ତ ଯୋଗ ଦେଇଥିଲେ। ରେମୁଣା ବ୍ଲକ ଚେୟାରମ୍ୟାନ ତଥା ଜିଲା ସମ୍ପାଦକ ସୁଶାନ୍ତ ପଟ୍ଟନାୟକ ଅଧକ୍ଷତା କରିଥିଲେ।

# ପାନଚାଷକୁ ମିଳୁନି କୃଷିର ମାନ୍ୟତା



**ପ୍ରଦୀପ ଦାସ**
**ଭୋଗରାଇ**

- ଦାଉ ସାଧୁଛି କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ
- ଅଭାବୀ ବିକ୍ରି ଲାଗି ବଢ଼ୁଛି ଚାଷୀଙ୍କ ଦୁର୍ଦ୍ଦଶା
- ନା ଅଛି ରୋଗ ନିରୂପଣ କେନ୍ଦ୍ର ନା ଶୀତଳ ଭଣ୍ଡାର
- ଦାଦନ ଖଟିବାକୁ ଘର ଛାଡୁଛନ୍ତି ଚାଷୀଙ୍କ ପରିବାର

ବାଲେଶ୍ୱର ଜିଲାର ଉପକୂଳବର୍ତ୍ତୀ ଇଲାକାରେ ପାନ ଚାଷ କୃଷି ଅର୍ଥନୀତିକୁ ସମୃଦ୍ଧ କରି ଆସିଥିବା ବେଳେ ଏବେ ପାନଚାଷୀ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। କୃଷିପ୍ରଧାନ ଭୋଗରାଇ ବ୍ଲକ ଧାନ,ପାନ ଓ ମୀନ ଲାଗି ପ୍ରସିଦ୍ଧି ଲାଭ କରିଥିବା ବେଳେ ଅନେକ ଚାଷୀ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବାରମ୍ବାର କ୍ଷତିର ସମ୍ମୁଖୀନ ହୋଇ ଆଗଭଳି ଆଉ ପାନ ଚାଷ କରିବାକୁ ମନ ବଳାଉ ନାହାନ୍ତି। ଯେଉଁମାନେ ପୂର୍ବରୁ ପାନ ଚାଷ କରି ଜୀବିକା ନିର୍ବାହ କରୁଥିଲେ, ସେମାନେ କ୍ରମେ ଭିନ୍ନ ପନ୍ଥା ଖୋଜିବା ଆରମ୍ଭ କରିଛନ୍ତି। ସମ୍ପ୍ରତି 'ଫନୀ' ବାତ୍ୟା ଯୋଗୁ ଏ ଅଞ୍ଚଳରେ ଅନେକ ପାନବରଜ ନଷ୍ଟ ହେବାରୁ ଚାଷୀମାନେ କ୍ଷତିର ସମ୍ମୁଖୀନ ହୋଇଥିଲେ। ଏହାପରେ ପାନ ଚାଷରେ ଅଜଣା ରୋଗ ଦେଖାଦେବା ଓ ବଜାର ମୂଲ୍ୟ ହ୍ରାସ ପାଇବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ବାରମ୍ବାର ଦାବି ସତ୍ତ୍ୱେ ପାନ ଚାଷକୁ କୃଷିର ମାନ୍ୟତା ମିଳି ନ ଥିବାରୁ ଚାଷୀମାନେ ବୀମା ସହାୟତା ଭଳି ସୁବିଧା ନ ପାଇ ହତାଶ ହେଉଥିବା ଅଭିଯୋଗ କରୁଛନ୍ତି। ଉଦ୍ୟାନ ବିଭାଗ ଓ ସରକାର ସମସ୍ୟାକୁ ଅଣଦେଖା କରୁଥିବାରୁ ପାନ ଚାଷ କ୍ରମେ ବୁଡ଼ିବାକୁ ବସିଛି।

ବାଲେଶ୍ୱର ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ଭୋଗରାଇ ଓ ବାଲିଆପାଳ ଅଞ୍ଚଳରେ ଅଧିକ ଜମିରେ ପାନଚାଷ କରାଯାଇଥାଏ। ଚାଷୀମାନେ ପାନବରଜରେ ସପରିବାର କାର୍ଯ୍ୟ କରି ଉନ୍ନତମାନର ଭଲ ଉତ୍ପାଦନ କରିଥାନ୍ତି। ଗ୍ରୀଷ୍ମ ଓ ଶୀତଦିନେ ବର୍ଷକୁ ଦୁଇଥର ପାନବରଜରୁ ପାନ ତୋଳି କଡ଼ା ବା ପତ୍ର ହିସାବରେ ଚାଷୀ ବ୍ୟବସାୟୀଙ୍କୁ ବିକ୍ରି କରିଥାନ୍ତି। ଭୋଗରାଇ ଜଳସୋହରିଆରେ ଥିବା ପାନ ମାର୍କେଟ୍‌କୁ ଓଡ଼ିଶାର ସର୍ବବୃହତ୍ ମାର୍କେଟ କୁହାଯାଏ। ଏଠାରେ ସପ୍ତାହକୁ ଦୁଇଥର ହାଟ ବସିଥାଏ। ରାଜ୍ୟ ଓ ରାଜ୍ୟ ବାହାରୁ ବେପାରୀମାନେ ଆସି ଚାଷୀଙ୍କଠାରୁ ପାନ କିଣି ନେଇଥାନ୍ତି। ବର୍ତ୍ତମାନ ଏଠାରେ ପାନର ଅଭାବୀ ବିକ୍ରି ହେଉଥିବା ବେଳେ ବଜାର ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯାଉ ନାହିଁ। ସ୍ଥାନୀୟ ଅଞ୍ଚଳର ଚାଷୀ ଏହି ଅଭିଯୋଗ କରିଛନ୍ତି ଯେ, ପାନ ଚାଷ ଦିନକୁ ଦିନ ବ୍ୟୟବହୁଳ ହେବାରେ ଲାଗିଛି। ପାନ ବରଜ ତିଆରି କରିବାକୁ ବହୁ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ। ସେମାନେ ବହୁ ପରିଶ୍ରମ କରି ଫସଲର ଯତ୍ନ ନେଇଥାନ୍ତି। ପାନଚାଷରେ ବ୍ୟବହୃତ ଖଡ଼ି, ଇକଡ଼, ସାର ଓ କୀଟନାଶକ ଔଷଧର ମୂଲ୍ୟ ବୃଦ୍ଧି ଚାଷୀଙ୍କ ଲାଗି ସଙ୍କଟ ସୃଷ୍ଟି କରିଛି। ଏବେ ପାନବରଜରେ ଅଜଣା ରୋଗ ବ୍ୟାପୁଥିବା ବେଳେ ଉଦ୍ୟାନ ବିଭାଗ ହାତ ବାନ୍ଧି ବସି ରହିଛି। ରୋଗ ନିରୂପଣ ଲାଗି ଅଞ୍ଚଳରେ କୌଣସି ସରକାରୀ ପରୀକ୍ଷାଗାର ସୁବିଧା ନ ଥିବାରୁ ପାନବରଜ ଉଜୁଡ଼ି ଯାଉଛି। ସରକାରୀ ସ୍ତରରେ ପାନ ଚାଷୀଙ୍କୁ କୌଣସି ପ୍ରୋତ୍ସାହନ ମିଳୁ ନ ଥିବା ବେଳେ ବ୍ୟାଙ୍କ ଓ ସମବାୟ ସମିତି ସ୍ୱଳ୍ପ ଓ ଦୀର୍ଘମିଆଦୀ ଋଣ ଦେବାରେ ହଇରାଣ କରୁଛନ୍ତି। ପାନଚାଷୀ ରବୀନ୍ଦ୍ର ବାରିକ କହିଛନ୍ତି ଯେ, ବାରମ୍ବାର ଦାବି ହେବା ପରେ ପାନ ଓ ଖଡ଼ି ଚାଷକୁ ୨୦୧୪-୧୫ ରେ ସରକାର ଉଦ୍ୟାନ ବିଭାଗରେ ସାମିଲ କରିଛନ୍ତି। ଏହାକୁ କୃଷିର ମାନ୍ୟତା ମିଳି ନ ଥିବାରୁ ପାନ ଚାଷକୁ ବୀମା ଭୁକ୍ତ କରାଯାଉ ନାହିଁ। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ଚାଷୀଙ୍କୁ କ୍ଷତିପୂରଣ ମିଳୁନାହିଁ। ଶୀତଳଭଣ୍ଡାର ନ ଥିବାରୁ ଉତ୍ପାଦିତ ପାନକୁ ସଂରକ୍ଷିତ ରଖି ନ ପାରି ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ପାନ ଚାଷର ସୁରକ୍ଷା ଲାଗି ଚାଷୀ ସମବାୟ ଗଠନ ଆବଶ୍ୟକ ବୋଲି ସେ କହିଛନ୍ତି।

ଉଲ୍ଲେଖନୀୟ ଯେ ପାନ ଚାଷ ଯୋଗୁ ଏହି ଅଞ୍ଚଳରେ ଆଗରୁ ଲୋକଙ୍କୁ ଯଥେଷ୍ଟ କର୍ମନିଯୁକ୍ତି ସୁଯୋଗ ମିଳୁଥିଲା। ବର୍ତ୍ତମାନ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେବାରୁ ଅନେକ ଯୁବତୀଯୁବକ ଆନ୍ଧ୍ର, ବାଙ୍ଗାଲୋର, ଦିଲ୍ଲୀ, ଗୁଜରାଟ ଆଦି ସ୍ଥାନକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ପାନଚାଷୀଙ୍କ ସମସ୍ୟା ଅନୁଧ୍ୟାନ କରି ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦେବା ସକାଶେ ଜଳସୋହରିଆ ପାନ ମାର୍କେଟ୍ ବ୍ୟବସାୟ ସମିତିର ଉପଦେଷ୍ଟା ଗୋପାଳ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ହରିନାରାୟଣ ରାଉତ ପ୍ରମୁଖ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଧାୟକ ଅନନ୍ତ ଦାସ ପାନ, ଖଡ଼ି ଓ ଇକଡ଼ ଚାଷକୁ କୃଷିର ମାନ୍ୟତା ଦେବା ଲାଗି ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରେ ଦାବି କରିଥିବା କହିଛନ୍ତି।

### ଗଛ ହିଁ ପ୍ରଦୂଷିତ ପରିବେଶକୁ ଦେବ ସୁରକ୍ଷା

**ରୂପ୍‌ସା, ୭।୭(ଡି.ଏନ.ଏ.):** ପରିବେଶ ପ୍ରଦୂଷଣ ରୋକିବା ଦିଗରେ ଚାରାରୋପଣ କରିବା ନିହାତି ଜରୁରୀ। ପରିବେଶରେ ସନ୍ତୁଳନ ରକ୍ଷା ଲାଗି ଅବାଧ ଗଛକଟା ବନ୍ଦ ରଖିବା, ନୂଆ ଜଙ୍ଗଲ ସୃଷ୍ଟି କରିବା, ପଲିଥିନ୍ ବ୍ୟବହାର ନ କରିବା, ଶୌଚାଳୟ ବ୍ୟବହାର କରିବା, ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହେବା ଲାଗି ଛାତ୍ରୀଛାତ୍ର ଓ ଯୁବ ପିଢି ଆଗଭର ହେଲେ ଅନ୍ୟମାନେ ପ୍ରଭାବିତ ହେବେ ବୋଲି ଅଗ୍ରଗାମୀ କ୍ଲବ ପକ୍ଷରୁ ଆୟୋଜିତ ବନ ମହୋତ୍ସବ ସପ୍ତାହ ପାଳନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ନୀଳବାଡ଼ି ଅଗ୍ରଗାମୀ କ୍ଲବ ପକ୍ଷରୁ ବାରାପାଳ ରାଧାକୃଷ୍ଣ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ରବିବାର ୭୦ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନୀଳମଣି ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରଧାନଶିକ୍ଷକ ଭବାନୀଶଙ୍କର ଭୋଇ ଓ ଶିକ୍ଷାବିତ୍ ବିଜୟ କୁମାର ରଣା ମଞ୍ଚାସୀନ ଥିଲେ। କ୍ଲବର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ କ୍ରିଷ୍ଣକାନ୍ତି ମହାପାତ୍ର ନିବନ୍ଧ ପାଠ କରିଥିଲେ। ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ।

## ଚିତ୍ରାଙ୍କନରେ ଭାଗନେଲେ ଶତାଧିକ ଛାତ୍ରୀଛାତ୍ର

### ହରିନାମ ସଙ୍କୀର୍ତ୍ତନ, ରାସଲୀଳା, ପ୍ରବଚନ, ଭଜନ ସନ୍ଧ୍ୟା ମନ ମୋହିଲା

**ବାଲେଶ୍ୱର ଅଫିସ,୭।୭**


ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ସ୍ଥିତ ଇମାମୀନଗରର ଗୁଣ୍ଡିଚାମନ୍ଦିର ମେଳାପଡ଼ିଆରେ ରଥଉତ୍ସବର ତୃତୀୟ ଦିନରେ ରବିବାର ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ଓ ହରିନାମ ସଙ୍କୀର୍ତ୍ତନ ପ୍ରତିଯୋଗିତା ସାଙ୍ଗକୁ ରାସଲୀଳା ଓ କଲିକତାରୁ ଆସିଥିବା ଜୟ କିଶୋରୀ ଜୀଙ୍କ ପ୍ରବଚନ ଓ ଭଜନ ଭକ୍ତଙ୍କୁ ବିମୋହିତ କରିଥିଲା।

ଇମାମୀ ନଗରସ୍ଥ ଗୁଣ୍ଡିଚା ମନ୍ଦିରରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର ରୀତିନୀତି ମୁତାବକ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପ୍ରସାଦ ସେବନ ବ୍ୟବସ୍ଥା ସାଙ୍ଗକୁ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଭଜନମଣ୍ଡପରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇ ଚିତ୍ର ଅଙ୍କନ କରିଥିଲେ। ସନ୍ଧ୍ୟା ୬ରୁ ୭ଟା ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ରାଧାମୋହନ ଜୀଉ ସଙ୍କୀର୍ତ୍ତନମଣ୍ଡଳୀ, ସାଇଁକୁଳା ଓ ଚକୁଳିଆ ରାଧାଗିରିଧାରୀ ସଙ୍କୀର୍ତ୍ତନ ମଣ୍ଡଳୀ ମଧ୍ୟରେ ହରିନାମ ସଙ୍କୀର୍ତ୍ତନ ପ୍ରତିଯୋଗିତା, ସନ୍ଧ୍ୟା ୭ରୁ କଲିକତାରୁ ଆସିଥିବା ଜୟା କିଶୋରୀ ଜୀଙ୍କ ପ୍ରବଚନ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୃନ୍ଦାବନରୁ ଆସିଥିବା ଭାରତୀୟ କଳା ସଂସ୍ଥାନ ପକ୍ଷରୁ ସନ୍ଧ୍ୟା ୭ଟା ୩୦ରେ ଚିତ୍ତାକର୍ଷକ ରାସଲୀଳା ପରିବେଶେ କରାଯାଇଥିଲା। ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଡ. ମଧୁମିତା ଦାସ ପହଞ୍ଚି ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପ୍ରଶାସନର ମୁଖ୍ୟପୁରୋଧା ଶୁଶୀଲ କୁମାର ଗୋଏଁକା, ସ୍ଥାନୀୟ କାଗଜକଳର ମୁଖ୍ୟ ପରିଚାଳକ ଏମ୍.ବି.ଏସ୍. ନାୟାର, ବରିଷ୍ଠ ସଭାପତି ଏସ୍.କେ. ଖୈତାନ, ବରିଷ୍ଠ ଉପସଭାପତି ଆଶିଷ କୁମାର, ଏ. ଗୁପ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ପାନୀୟଜଳ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

### ମନ୍ତ୍ରୀଙ୍କ ଜନଶୁଣାଣି:୯ରେ ଖଇରା,୧୦ରେ ସିମୁଳିଆ

**ଖଇରା, ୭।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଆସନ୍ତା ୯ତାରିଖରେ ଖଇରା ବ୍ଲକ ଜଳସେଚନ କାର୍ଯ୍ୟାଳୟ ଡାକବଙ୍ଗଳା ଏବଂ ୧୦ତାରିଖରେ ସିମୁଳିଆ ବ୍ଲକ ଡାକବଙ୍ଗଳାରେ ଜନଶୁଣାଣି ଆୟୋଜନ କରଛନ୍ତି। ଦଳମତ ନିର୍ବିଶେଷରେ ଯେ କୌଣସି ବ୍ୟକ୍ତି ଜନ ଶୁଣାଣିକୁ ଆସି ନିଜ ସମସ୍ୟା ସକାଳ୧୦ଟାରୁ ଅପରାହ୍ନ ସାଢେ ୫ଟା ମଧ୍ୟରେ ଜଣାଇ ପାରିବେ ବୋଲି ସେ ସୂଚନା ଦେଇଛନ୍ତି।

## ହୋମ୍‌ଗାର୍ଡଙ୍କ ଶୋଇବା ଫଟୋ ଭାଇରାଲ

**ଖଇରା,୭।୭(ଡି.ଏନ.ଏ.)**


ଏଟିଏମ କାଉଣ୍ଟରରେ ନିଦରେ ହୋମଗାର୍ଡ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆ ସ୍ଥିତ ଏକ ଏଟିଏମ କାଉଣ୍ଟର ଭିତରେ ରାତ୍ରି ଜଗୁଆଳିଙ୍କ ଶୋଇବା ଫଟୋ ରବିବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେଠାକାର ବଜାରରେ ବାରମ୍ବାର ଚୋରି ଓ ଏଟିଏମ ଭାଙ୍ଗିବା ଘଟଣା ନେଇ ଅଭିଯୋଗ ହେବା ପରେ ଖଇରା ପୋଲିସ ତରଫରୁ ବଜାର ଜଗିବା ସକାଶେ ୨ଜଣ ହୋମଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଥିଲା। ଶନିବାର ରାତିରେ ୨ଜଣ ଯାକ ଗାର୍ଡ ଏଟିଏମ କାଉଣ୍ଟର ଭିତରେ ଶୋଇପଡିଥିଲେ। କେହି ଏହାକୁ ମୋବାଇଲ୍‌ରେ ରେକର୍ଡିଂ କରି ଭାଇରାଲ କରିଥିବା କୁହାଯାଉଛି।

## ବିଭିନ୍ନ ବିଭାଗ କାର୍ଯ୍ୟର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

**ବାଲେଶ୍ୱର ଅଫିସ,୭।୭**

ବାଲେଶ୍ୱର ସଦ୍‌ଭାବନା ସଭାଗୃହରେ ରବିବାର ଅପରାହ୍ନରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏଥିରେ ସ୍ୱାସ୍ଥ୍ୟ, ରାସ୍ତା, ବିଦ୍ୟୁତ୍, କୃଷି, ମତ୍ସ୍ୟଚାଷ ଆଦି କାର୍ଯ୍ୟକ୍ରମ ସ୍ଥାନ ପାଇଥିଲା।

ଜିଲାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସମୀକ୍ଷା ବେଳେ ମଞ୍ଜୁରୀପ୍ରାପ୍ତ ପଦବୀ ୨୯୦ ଡାକ୍ତର ପଦବୀ ମଧ୍ୟରୁ ୧୯୪ ଜଣ ଡାକ୍ତର କାର୍ଯ୍ୟ କରୁଥିବା ଏବଂ ଅବଶିଷ୍ଟ ପଦବୀ ଖାଲି ପଡଥିବା କୁହାଯାଇଥିଲା। ଜଣେ ନିଶ୍ଚେତକ ଡାକ୍ତର ଅନୁପସ୍ଥିତ ରହିବା କାରଣରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଜିଲା ମୁଖ୍ୟଚିକିତ୍ସାଧିକାରୀଙ୍କ ପଚାରି ବୁଝିଥିଲେ। ସେହିପରି ଜନଔଷଧି ବ୍ୟବସ୍ଥା ଆଉ କାର୍ଯ୍ୟ କରୁ ନଥିବା ପ୍ରସଙ୍ଗ ଆଲୋଚନାକୁ ଆସିଥିଲା। ଏବେ ବର୍ଷାଦିନ ଆସିବା ସତ୍ତ୍ୱେ ଜିଲାରେ ଅନେକ ରାସ୍ତା କାମ ଅଧାପନ୍ତରିଆ ଅବସ୍ଥାରେ ଥିବାରୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ତାଗିଦ୍ କରାଯାଇଥିଲା। ସେହିପରି ବିଦ୍ୟୁତ୍ ଯୋଗାଣ ଓ ବିଦ୍ୟୁତ ସେବାରେ ଅନେକ ତ୍ରୁଟି ରହୁଥିବାରୁ ଏହାର କାରଣ ଜାଣିବା ଲାଗି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚରାଯାଇଥିଲା। ନୀଳଗିରି ଉପଖଣ୍ଡ ସ୍ଥିତ ବରହମପୁର ଗ୍ରାମକୁ ତୁରନ୍ତ ବିଦ୍ୟୁତ୍ ଯୋଗାଣ କରିବା ସକାଶେ କେନ୍ଦ୍ରମନ୍ତ୍ରୀ କହିଥିଲେ।

କୃଷି କ୍ଷେତ୍ରରେ କେନ୍ଦ୍ରୀୟ ଯୋଜନା କିପରି କାର୍ଯ୍ୟକାରୀ କରାଯାଉଛି ସେ ସମ୍ପର୍କରେ ସେ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ପଚାରି ବୁଝିବା ସହ ଧାନ କିଣାରେ ବିଭ୍ରାଟ ହେବା ଘଟଣା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଜିଲାରେ ମତ୍ସ୍ୟଚାଷୀଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ବିଭାଗ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇ ଯେଉଁ ଚାଷୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛନ୍ତି ସେମାନଙ୍କୁ ଲୋକଲୋଚନକୁ ଆଣିବାକୁ ସେ କହିଥିଲେ। ମାଛ ଚାଷର ବିକାଶ ଲାଗି ପୋଖରୀ ଖୋଳାଭଳି ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଞ୍ଚାଳନ କରିବାକୁ ସେ ପରାମର୍ଶ କହିଥିଲେ। ବୈଠକରେ ଉପସ୍ଥିତ ସଦର ବିଧାୟକ ମଦନ ମୋହନ ଦତ୍ତ ମ୍ୟୁନିସିପାଲିଟି ଅଞ୍ଚଳରେ କେତୋଟି ପୋଖରୀକୁ ପୋତା ଯାଇ ଘର ନିର୍ମାଣ କରାଯାଇଥିବା ଅଭିଯୋଗ କରି ଏହାର ତଥ୍ୟ ରଖିଥିଲେ। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବେଆଇନ୍ ଭାବେ ମୋରମ୍ ଖୋଳା ଯାଉଥିଲେ ମଧ ରାଜସ୍ୱ ଅଧିକାରୀ ଏବଂ ଜଙ୍ଗଲ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା କହିଥିଲେ। ଭାରପ୍ରାପ୍ତ ଜିଲାପାଳ ସମ୍ବିତ ନାୟକ, ଉପଜିଲାପାଳ ନୀଲୁ ମହାପାତ୍ର, ଭାରପ୍ରାପ୍ତ ପିଡ଼ି ସର୍ବେଶ୍ୱର ସିଂ, ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ସହ ବିଭାଗୀୟ ଜିଲା ଅଧିକାରୀ ପ୍ରମୁଖ ସମୀକ୍ଷା ବୈଠକରେ ଯୋଗଦେଇଥିଲେ।


ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀଙ୍କ ରାସ୍ତାରୋକୋ।

### ସଦସ୍ୟ ସଂଗ୍ରହ ଅଭିଯାନ

**ବାଲିଆପାଳ,୭।୭(ସ୍ୱ.ପ୍ର):** ବାଲେଶ୍ୱର ଜିଲା ଲଙ୍ଗଳେଶ୍ୱର ଠାରେ ଭାଜପା ପକ୍ଷରୁ ବସ୍ତା ନିର୍ବାଚନ ମଣ୍ଡଳୀସ୍ତରୀୟ ନୂତନ ସଦସ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରାଯାଇଛି। କାଳିଝାଟି ପଡ଼ିଆଠାରେ ଆୟୋଜିତ ସଭାରେ ପୂର୍ବତନ ଜିଲାପରିଷଦ ସଦସ୍ୟ ତଥା ଭାଜପା ନେତା ମହେଶ୍ୱର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

## ଗରା, ବାଲ୍‌ଟି ରଖି ରାସ୍ତାରୋକୋ

**ସଜନାଗଡ଼,୭।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ଧୋବଶିଳା ପଞ୍ଚାୟତ ଅଧୀନ ଦୁଇଟି ଗାଁର ୮ଶହରୁ ଊର୍ଦ୍ଧ୍ୱ ଲୋକ ଦୀର୍ଘଦିନ ଧରି ଜଳକଷ୍ଟର ଶିକାର ହୋଇ ଆସୁଛନ୍ତି। ଗାଁରେ ବସିଥିବା ଦୁଇଟି ନଳକୂପ ଲୋକଙ୍କ ପାନୀୟ ଜଳ ଚାହିଦା ମେଣ୍ଟାଇ ପାରୁ ନାହିଁ। ଏ ସମ୍ପର୍କରେ ସେମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସୁଫଳ ନ ପାଇବାରୁ ଶେଷରେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି। ରବିବାର ପୂର୍ବାହ୍ନରେ ଏହି ଦୁଇ ଗାଁରେ ଥିବା ହରିଜନସାହି, ଆଦିବାସୀ ସାହି ଏବଂ ଓଡ଼ିଆ ସାହିର ମହିଳାଙ୍କ ସମେତ ଶତାଧିକ ବାସିନ୍ଦା ଗରାମାଠିଆ ଆଣି ନୀଳଗିରି ମିତ୍ରପୁର ରାସ୍ତା ଉପରେ ରଖି ଆନ୍ଦୋଳନ କରିଥିଲେ। ରାସ୍ତାରେ ଚଳାଚଳ ବ୍ୟାହତ ହୋଇଥିଲା। ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବାରୁ ଦୀର୍ଘ ୩ଘଣ୍ଟା ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା।

ଆନ୍ଦୋଳନକାରୀ କହିଛନ୍ତି ଯେ, ଧୋବଶିଳା ପଞ୍ଚାୟତ ୮ନମ୍ବର ୱାର୍ଡ଼ ଅଧୀନ ହରିଜନସାହ ଓ ଆଦିବାସୀସାହିରେ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଏବଂ ୯ନମ୍ବର ୱାର୍ଡ଼ ଓଡ଼ିଆସାହିରେ ୪ଶହରୁ ଊର୍ଦ୍ଧ୍ୱ ଲୋକ ଦୁଇଟି ନଳକୂପ ଉପରେ ନିର୍ଭର କରି ଚଳିବା ସମ୍ଭବ ହେଉ ନାହିଁ। ଏଣୁ ଆଦିବାସୀସାହି ଓ ହରିଜନସାହିର ବାସିନ୍ଦା ନୀଳଗିରି ଓ ମିତ୍ରପୁର ମୁଖ୍ୟ ରାସ୍ତା କଡ଼ରେ ଥିବା ଜଳ ଯୋଗାଣ ପ୍ରକଳ୍ପ ଷ୍ଟାଣ୍ଡପୋଷ୍ଟ ଉପରେ ନିର୍ଭର କରି ଆସୁଥିଲେ। କୌଣସି କାରଣରୁ ପାଇପ ଜଳ ଯୋଗାଣ ବ୍ୟାହତ ହେଲେ ଷ୍ଟାଣ୍ଡପୋଷ୍ଟରୁ ସେମାନେ ପାଣି ପାଇପାରୁ ନ ଥିଲେ। ପ୍ରଶାସନିକ ଅଧିକାରୀ ଏହି ଅଭିଯୋଗ ପ୍ରତି କର୍ଣ୍ଣପାତ ନ କରିବାରୁ ସେମାନେ ବାଧ ହୋଇ ରାସ୍ତାକୁ ଓହ୍ଲାଇଥିବା କହିଥିଲେ।

### ନୋସିରେ 'ଦି ଆର୍ଟିଷ୍ଟ'ର କଳାସମ୍ଭାର

## ଓଡ଼ିଶୀ ନୃତ୍ୟରେ ଝୁମିଲା ଉତ୍କଳା ମଞ୍ଚ

**ବାଲେଶ୍ୱର ଅଫିସ,୭।୭**


ଅତିଥିଙ୍କ ଗହଣରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ପ୍ରତିଯୋଗୀ।

ବାଲେଶ୍ୱରର କଳାସଂସ୍କୃତି ଅନୁଷ୍ଠାନ 'ଦି ଆର୍ଟିଷ୍ଟ' ପକ୍ଷରୁ ଶନିବାର ସନ୍ଧ୍ୟାରେ ବାମପଦା ସ୍ଥିତ ନୋସି ଉତ୍କଳା ମଞ୍ଚରେ 'ଛାତ୍ରୀଙ୍କ ମଧ୍ୟରେ କଳାସମ୍ଭାର' ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନୋସି କଲଚୁରାଲ ଏକାଡ଼େମୀର ଉପଦେଷ୍ଟା ଶିଳ୍ପୀ କେଶୁ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। 'ଦି ଆର୍ଟିଷ୍ଟ'ର ମୁଖ୍ୟ ଯୁବ କଣ୍ଠଶିଳ୍ପୀ ଗୌରବ ଦାସ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶୀ ନୃତ୍ୟଗୁରୁ ବସନ୍ତ ଭୋଇ ଓ ଅଭୀପ୍‌ସା ସାହୁ ବିଚାରକ ଭାବେ ଯୋଗଦେଇ ଓଡ଼ିଶୀ ନୃତ୍ୟର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ସାରା ବିଶ୍ୱରେ ଭିନ୍ନ ଏକ ପରିଚୟ ସୃଷ୍ଟି କରିଥିବା ଓଡ଼ିଶୀ ନୃତ୍ୟର ପ୍ରଚାର, ପ୍ରସାର ଓ ବିକାଶ ପାଇଁ ଦି ଆର୍ଟିଷ୍ଟର ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ।

ଜୁନିୟର ଓ ସିନିୟର ଦୁଇଟି ବିଭାଗରେ ୨୦ରୁ ଅଧିକ ଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରିସିତା ରାୟ ଦଳେଇ, ଦିଶିତା ପାତ୍ର, ସାଇ ନିର୍ଜରା ପାଣି, ପ୍ରସମିତା ପିରି, ସମାପିକା ଦେ, ଅମ୍ରିତା ଦାସ, ବିଦିଶା ପଣ୍ଡା, ଚିନ୍ମୟୀ ପ୍ରଭା ଦାସ, ଶ୍ରେୟାଶ୍ରୀ ସେନାପତି, ଅଂଶିକା ମହାପାତ୍ର, ଆଦ୍ୟାଶା ଦାସ, ସାଇ ସାହାନା ମହାନ୍ତି, ଅଙ୍କିତା ଦାସ, ଦେବଶ୍ରୀ ବିଶ୍ୱାଳ, କ୍ରିସିତା ମହାପାତ୍ର, ଦିବ୍ୟଲିପ୍ସା ସ୍ୱାଇଁ ପ୍ରମୁଖ ଉତ୍କଳା ମଞ୍ଚରେ ସେମାନଙ୍କ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। ଅତିଥି ନୃତ୍ୟଶିଳ୍ପୀ ଭାବରେ କଟକର ଶିଶୁଶିଳ୍ପୀ ସାଇ ଦେବାଂଶୀ ଓ ବର୍ଷାରାଣୀ ପଣ୍ଡା ଯୋଗଦେଇ ଦର୍ଶକଙ୍କର ମନ ମୋହିଥିଲେ। ଓଡ଼ିଶୀ ନୃତ୍ୟକଳାରେ ସମସ୍ତ ଦର୍ଶକ ଝୁମି ଉଠିଥିଲେ। ଶେଷରେ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଜୁନିୟର ଓ ସିନିୟର ବିଭାଗର ବିଜେତାଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଦିବେଶ ବେହେରା, ପ୍ରିତମ୍ ନାୟକ, ବିଜୟ ଆଚାର୍ଯ୍ୟ, ପ୍ରଶାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ନାବାଳକ ମୃତ

**କେନ୍ଦୁଝର/ଝୁମ୍ପୁରା, ୭।୭ (ସ୍ୱ.ପ୍ର./ଡି.ଏନ.ଏ.)-** ଝୁମ୍ପୁରା ଥାନା ଅନ୍ତର୍ଗତ ବାଲିବନ୍ଧ ଗ୍ରାମରେ ଖେଳୁଥିବା ବେଳେ ଟ୍ରାକ୍ଟର ଲଙ୍ଗଳ ବାଜି ଅନିଲ ମୁଣ୍ଡା ନାମକ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ରବିବାର ସେ ଅନ୍ୟ ସାଙ୍ଗଙ୍କ ସହ ଘର ନିକଟରେ ଠିଆ ହୋଇଥିବା ଟ୍ରାକ୍ଟରରେ ଖେଳୁଥିବା ବେଳେ ଏଭଳି ଅଘଟଣ ଘଟିଥିବା ଜଣାପଡିଛି । ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

### ସାପ କାମୁଡାରେ ମହିଳା ମୃତ

**କେନ୍ଦୁଝର, ୭।୭(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବଡମଶିଣାବିଲା ଗ୍ରାମ ପ୍ରଧାନସାହିର ମଙ୍ଗଳୀ ମୁଣ୍ଡା(୩୫) ନାମ୍ନୀ ଜଣେ ମହିଳା ଶନିବାର ରାତିରେ ତଳେ ଶୋଇଥିବାବେଳେ ସାପ କାମୁଡାରେ ମୃତ୍ୟୁବରଣ କରିଛନ୍ତି। ସେ ଶୋଇଥିବା ଅବସ୍ଥାରେ ରାତି ପ୍ରାୟ ୩ଟାରେ ଏକ ଚିତି ସାପ ତାଙ୍କୁ କାମୁଡି ଦେଇଥିଲା। ମଙ୍ଗଳୀ ଚିତ୍କାର କରିବାରୁ ତାଙ୍କ ପାଟି ଶୁଣି ପରିବାର ଲୋକ ଉଠି ସାପଟିକୁ ବାଡିରେ ପିଟି ପିଟି ମାରି ପକାଇଥିଲେ। ମଙ୍ଗଳୀଙ୍କୁ ଚିକିତ୍ସା ପାଇଁ ପ୍ରଥମେ ତାଙ୍କୁ ଘଟଗାଁ ଡାକ୍ତରଖାନା ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଥିଲା। ଏସମ୍ପର୍କରେ ଘଟଗାଁ ଥାନାକୁ ଖବର ଦିଆଯିବାରୁ ଘଟଗାଁ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଭାଲୁ କାମୁଡ଼ାରେ ଜଣେ ଗୁରୁତର

**ତେଲକୋଇ, ୭।୭(ଡି.ଏନ.ଏ.)-** ତେଲକୋଇ ଥାନା ଅନ୍ତର୍ଗତ କମଳାଙ୍ଗ ଗ୍ରାମରେ ରବିବାର ସକାଳେ ହରେକୃଷ୍ଣ ବିଶୋଇ ନାମକ ଜଣେ ବ୍ୟକ୍ତିଙ୍କୁ ଭାଲୁ କାମୁଡ଼ିବାରୁ ସେ ଗୁରୁତର ହୋଇପଡ଼ିଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ରବିବାର ସକାଳ ସମୟରେ ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ବନ ବିଭାଗ ପକ୍ଷରୁ ସମସ୍ତ ଚିକିତ୍ସା ଖର୍ଚ୍ଚ ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି।

### ୫୭ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଆନନ୍ଦପୁର, ୭।୭(ସ୍ୱ.ପ୍ର.)-** ଘସିପୁରା ବ୍ଲକ ପଦନା ଛକ ନିୟନ୍ତ୍ରିତ ବଜାର କମିଟି ମାର୍କେଟ କମ୍ପ୍ଲେକ୍ସ, ମଣ୍ଡଠାରେ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟଙ୍କ ସଂଯୋଜନାରେ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ଏଥିରେ ଗଁପୁର ପଞ୍ଚାୟତର ୫୭ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ମେନକା ମାରାଣ୍ଡି, ରାମଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମଦନମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସାପ କାମୁଡାରେ ଜଣଙ୍କ ଜୀବନ ଗଲା

**ଯୋଡ଼ା, ୭।୭(ଡି.ଏନ.ଏ.)-** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଧାତିକା ଗ୍ରାମରେ ସାପ କାମୁଡାରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ପୋଲିସ ସୂତ୍ରରୁ ଜଣାପଡିଛି ଯେ, ଶୁକ୍ରବାର ରାତିରେ ଧାତିକା ଗ୍ରାମର ରାମରାଏ ମୁଣ୍ଡା ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ସକାଳେ ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶନିବାର ଅପରାହ୍ନରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ବାମେବାରୀ ଥାନାରେ ଜଣାଇଥିଲେ। ଏନେଇ ବାମବୋରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୦୧୯) ରୁଜୁ କରିଥିବା ପୋଲିସ ସୂଚନା ଦେଇଛି ।

# ପାହାଡ଼ ଉପରେ ହେମଘର ଶୈବପୀଠ

- ହୋଇପାରୁନି ବିକାଶ
- ଯଜ୍ଞ କଲେ ହୁଏ ସ୍ୱାଭାବିକ ବର୍ଷା
- ଜଳାଭାବ ଲାଗି ହେଉନି ବୃକ୍ଷରୋପଣ

**କେନ୍ଦୁଝର, ୭।୭ (ସ୍ୱ.ପ୍ର.)**

ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର କାଦଗଡ ଗ୍ରାମ ନିକଟରେ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ପରିବେଶ ମଧ୍ୟରେ ହେମଘର ପାହାଡ । ଜଙ୍ଗଲ ଓ ପାହାଡ ପରିବେଶରେ ଥିବା ଏହି ପାହାଡ ସ୍ଥାନୀୟ ଅଞ୍ଚଳବାସୀ ଦେବସ୍ଥଳୀ ଭାବେ ପୂଜା କରିଆସୁଛନ୍ତି। ଏବେ ଏହି ସ୍ଥାନରେ ଏକ ଧାର୍ମିକ ଓ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଗଣିତ ହୋଇଆସୁଛି। ଅଧିକ ବିକାଶ ହେଲେ ଏହାଏକ ଉତ୍ତମ ପର୍ଯ୍ୟଟନସ୍ଥଳୀ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏହି ପୀଠରେ ଆଗରୁ ଋଷି ମାନେ ରହି ତପସ୍ୟା କରୁଥିଲେ ବୋଲି ବହୁ ପୁରୁଣାକାଳରୁ ବିଶ୍ୱାସ ରହିଛି। ଏଠାରେ ହେମନ୍ତ ଋଷି ନାମକ ଜଣେ ଋଷି ରହୁଥିଲେ । ଏଣୁ ତାଙ୍କ ନାମ ଅନୁସାରେ ଏହି ପାହାଡର ନାମ ହେମଘର ବୋଲି କୁହାଯାଏ । ଏଠାରେ ଶିବରାତ୍ରି, ମକର, କାର୍ତ୍ତିକ ପୂର୍ଣ୍ଣିମା ପାଳନ ହୋଇଥାଏ। ଶ୍ରାବଣ ମାସରେ ଏଠାରେ ଜଳାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ।

ଏହି ଅଞ୍ଚଳର ଲୋକେ ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ। ଏଣୁ ଜଳସେଚନ ବ୍ୟବସ୍ଥା ନ ଥିବାରୁ ବର୍ଷା ଉପରେ ନିର୍ଭରଶୀଳ । ବର୍ଷା ନ ହେଲେ ବା ବିଳମ୍ବ ହେଲେ ଲୋକ ମାନେ ଏହିଠାରେ ପୂଜାପାଠ ଓ ଯଜ୍ଞ କରିଥାନ୍ତି। ଏଠାରେ ଯଜ୍ଞ ଓ ପୂଜାପାଠ କଲେ ବର୍ଷା ହୋଇଥାଏ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରଗାଢ ବିଶ୍ୱାସ ରହିଛି। ଏହି ପାହାଡରେ ବହୁ ଗୁମ୍ଫା ରହିଛି। ତେବେ ସମୟାନୁକ୍ରମେ ପଥର ଖସି ପଡିବାରୁ ବହୁ ସୁଡଙ୍ଗ ରାସ୍ତା ବନ୍ଦ ହୋଇଯିବାରୁ ଗୁମ୍ଫାକୁ ଯାତାୟାତ ବନ୍ଦ ହୋଇଯାଇଛି। ପାହାଡ ଉପରେ ୧୯୯୭ ମସିହାରେ ବିଶ୍ୱେଶରାୟ ମହାଦେବଙ୍କ ମନ୍ଦିର ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ପ୍ରତିଷ୍ଠା କରାଯାଇଛି । ପ୍ରାୟ ୪୦୦ ଫୁଟ ଉଚ୍ଚ ଏହି ରମଣୀୟ ପରିବେଶ ପାହାଡରେ ଥିବା ଏହି ମନ୍ଦିରକୁ ଯିବା ଆସିବା କରିବା ପାଇଁ ଉଭୟ ପାର୍ଶ୍ୱରୁ ରାସ୍ତା ଅଛି। ଗୋଟିଏ ପଟୁ ପାହାଚ ଚଢି ଯିବାକୁ ପଡିଥାଏ । ଅନ୍ୟ ପାର୍ଶ୍ୱରେ ଗାଡି ଯିବା ଆସିବା କରିଥାଏ । ଏହି ପାହାଡରେ ବହୁ ପ୍ରକାର ବୃକ୍ଷରାଜି ରହିଛି। ତେବେ ଜଳାଭାବ ଯୋଗୁଁ ବୃକ୍ଷ ରୋପଣ ହୋଇପାରୁ ନ ଥିବାରୁ ପାଣି ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକ ଦାବି କରୁଛନ୍ତି। ସୁଉଚ୍ଚ ପାହାଡ ଉପରୁ ଚାରିପାର୍ଶ୍ୱ ଅଞ୍ଚଳର ଦୃଶ୍ୟ ଅତ୍ୟନ୍ତ ମନୋରମ । ଜିଲା ମୁଖ୍ୟାଳୟ ଠାରୁ ମାତ୍ର ପ୍ରାୟ ୧୨ କି.ମି. ଦୂରରେ ଅବସ୍ଥିତ ଏହି ଧାର୍ମିକ ସ୍ଥଳର ବିକାଶ କରାଗଲେ ଏହା ଅଧିକ ପ୍ରସିଦ୍ଧି ଲାଭ କରିପାରିବ ବୋଲି ସ୍ଥାନୀୟ ଲୋକେ ଆଶାବ୍ୟକ୍ତ କରୁଛନ୍ତି। ଏଠାରେ ପଥର ସୁଡଙ୍ଗ ଦେଇ ଭକ୍ତ ମାନେ ସେଠାରେ ଥିବା ଗୁମ୍ଫା ଦର୍ଶନ କରିଥାନ୍ତି। ତେବେ ବିପଦସଙ୍କୁଳ ରାସ୍ତା ହୋଇଥିଲେ ଭକ୍ତ ମାନେ ସହଜରେ ଗୁରୁଣ୍ଡି ଗୁରୁଣ୍ଡି ଯାଇଆସିପାରନ୍ତି। ଏହି ସୁଡ଼ଙ୍ଗ ରାସ୍ତାର ପୁନରୁଦ୍ଧାର କରିବାକୁ ଲୋକେ ନିବେଦନ କରିଛନ୍ତି। ଏହି ଗୁମ୍ଫା ଭିତରେ ଯଜ୍ଞ ହୋଇ ଥାଏ ଓ ସେଠାରେ ଭକ୍ତ ବିଶ୍ରାମ ନେଇ ବେଶ୍ ଆନନ୍ଦ ଲାଭ କରିଥାନ୍ତି।


ଅବହେଳିତ ହେମଘର ଶୈବପୀଠ।

■ ୫୨୦ ନଂ ଜାତୀୟ ରାଜପଥ ଜାମ୍

# ତହସିଲଦାରଙ୍କ ଜରୁରିକାଳୀନ ପତ୍ରାଳାପ

**ବଡବିଲ, ୭।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଖଣି ଅଞ୍ଚଳର ଯୋଡା-ବଡବିଲ ଅଞ୍ଚଳ ଦେଇ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥ ଗତ ଏକ ସପ୍ତାହହେଲା ଭାରୀଯାନ କବଳିତ ହୋଇ ରହିଛି। ଫଳରେ ବିଲେଇପଦା ଠାରୁ ଆରମ୍ଭ କରି ଯୋଡା, ଭଦ୍ରାସାହି-ବଡବିଲ, ଭଦ୍ରାସାହି-ରୁଗୁଡି ଓ ଗୁଆଲି ପର୍ଯ୍ୟନ୍ତ ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ୬ ଚକିଆ ଡମ୍ପରଠାରୁ ଆରମ୍ଭ କରି ୨୨ ଚକିଆ ଭାରୀଯାନ ଓ ଟ୍ରଲର ଗୁଡିକରେ ବିଭିନ୍ନ ଖଣିରୁ ଲୁହାପଥର ପରିବହନ ଓ ବିଭିନ୍ନ ଶିଳ୍ପାନୁଷ୍ଠାନରୁ ପିଲେଟ ଗୋଲି ଦିବାରାତ୍ର ପରିବହନ ହେଉଥିବାବେଳେ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ଗତ ଏକ ସପ୍ତାହ ଧରି ଜାମ ଲାଗିଥିଲାବେଳେ ପୋଲିସ ପ୍ରଶାସନ ଦୈନିକ ଜାମ ହଟାଇ ନୟାନ୍ତ ହୋଇପଡ଼ିଛି। ଗତ ଶନିବାର ଖୋଦ୍ ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା କେନ୍ଦୁଝର ଗସ୍ତ ଓ ପ୍ରତ୍ୟାବର୍ତ୍ତନ ବେଳେ ଫଶି ରହିଥିଲେ ବୋଲି ସ୍ୱୀକାର କରିଛନ୍ତି। ତେବେ ଯାହାହେଉନା କାହିଁକି, ରବିବାର ଛୁଟି ଦିନ ହେଲେ ମଧ୍ୟ ଏହି ରୋଡ ଜାମର ପ୍ରତିକାର ନିମନ୍ତେ ପତ୍ରାଳାପ କରିଛନ୍ତି। ଏନେଇ ବଡବିଲ ଏସଡିପିଓ, ଯୋଡା ଖଣି ଉପ ନିର୍ଦ୍ଦେଶକ, ବଡବିଲ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଏନଏଚଏଆଇ, କେନ୍ଦୁଝର ପୂର୍ତ୍ତ ଓ ଗୃହ ବିଭାଗ ଏକଜିକ୍ୟୁଟିଭ ଇଞ୍ଜିନିୟର, କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ଖଣି ଲିଜଧାରୀ ଓ ବିଭିନ୍ନ ପ୍ଲାଂଟ କର୍ତ୍ତୃପକ୍ଷଙ୍କୁ ସୋମବାର ମଧ୍ୟାହ୍ନରେ ବଡବିଲସ୍ଥିତ ପୌର ଟାଉନହଲଠାରେ ଏକ ଜରୁରୀକାଳୀନ ବୈଠକରେ ଉପସ୍ଥିତ ରହି ଏହାର ପ୍ରତିକାର ନିମନ୍ତେ ବାଟକାଢିବାକୁ ଜଣାଇଛନ୍ତି।

# ଲଘୁଚାପ ବର୍ଷା : ବଜାର ଅଞ୍ଚଳରେ ଆଣ୍ଠୁଏ ପାଣି


ବଜାର ଅଞ୍ଚଳରେ ୨ ଫୁଟରେ ପାଣି ଜମିଛି।

**ତେଲକୋଇ, ୭।୭(ଡି.ଏନ.ଏ.)**

ତେଲକୋଇ ଅଞ୍ଚଳରେ ବର୍ଷା ଯୋଗୁ ବଜାର ଅଞ୍ଚଳ ରାସ୍ତାରେ ୨ଫୁଟ ପାଣି କେନାଲ ସଦୃଶ ହୋଇଛି। ଡ୍ରେନ ସମସ୍ୟା ଲାଗି ବଜାର ଅଞ୍ଚଳରେ କୁଢ କୁଢ ବର୍ଜ୍ୟବସ୍ତୁ ରାସ୍ତାରେ ଜମା ହୋଇଛି। ଏପରିସ୍ଥଳେ ବଜାର ଅଞ୍ଚଳରେ ଥିବା ବିଭିନ୍ନ ବ୍ୟବସାୟ ଅନୁଷ୍ଠାରେ ପାଣି ଭର୍ତ୍ତି ହେବାରୁ ବ୍ୟାପକ କ୍ଷତି ହୋଇଥିବା ଅଭିଯୋଗ ହୋଇଛି। ତେଲକୋଇ ବଜାର ଅଞ୍ଚଳ ପାଇଁ ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ରାସ୍ତାର ଉଭୟ ପକ୍ଷରୁ ଡ୍ରେନ ନିର୍ମାଣର ଯୋଜନା କରାଯାଇଥିଲା। ତେବେ ପ୍ରଶାସନ ଏହାକୁ ଅମାନ୍ୟ କରିବାରୁ ଏଭଳି ସମସ୍ୟା ଉପୁଜୁଥିବା ଅଭିଯୋଗ କରାଯାଇଥିଲେ ବି ଏହାର ସମାଧାନ ହୋଇପାରୁ ନାହିଁ। ତେବେ ସ୍ଥାନୀୟବାସୀ ତୁରନ୍ତ ଏହାର ପ୍ରତିକାର କରିବାକୁ ଦାବି କରିଛନ୍ତି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଛି ବଡ଼ଦାଣ୍ଡ


ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

**କେନ୍ଦୁଝର, ୭।୭ (ସ୍ୱ.ପ୍ର./ ଡି.ଏନ.ଏ.)**

କେନ୍ଦୁଝର ଜିଲାର ଆରାଧ୍ୟ ଦେବତା ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ଅବସରରେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ବଡ଼ଦାଣ୍ଡ ଦୁଲୁକୁଛି। ମେଘୁଆ ପାଗ ସତ୍ତ୍ୱେ ସନ୍ଧ୍ୟାରେ ହଜାର ହଜାର ଭକ୍ତ ବଡ଼ଦାଣ୍ଡରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ମାଦକତା ଉପଭୋଗ କରୁଛନ୍ତି। ଜୁଲାଇ ୬ ତାରିଖ ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ନିକଟସ୍ଥ ଭଜନ ମଣ୍ଡପରେ 'ସୁର ନିକେତନ' ଅନୁଷ୍ଠାନ ତରଫରୁ ଭକ୍ତି ରସାତ୍ମକ ଭଜନ ପରିବେଷଣ କରାଯାଇଥିଲା। ଟିପି ଟିପି ବର୍ଷା ସତ୍ତ୍ୱେ ଦର୍ଶକ ଓ ଭକ୍ତ ରାତ୍ରି ପର୍ଯ୍ୟନ୍ତ ଉପସ୍ଥିତ ରହି ଭଜନର ଭକ୍ତି ଭାବରେ ମଜି ଯାଇଥିଲେ। ଘୁଙ୍ଗୁରୁ କ୍ଲବ ମଂଚରେ 'ସାଇ କ୍ରିଷ୍ଣା ମ୍ୟୁଜିକାଲ୍ସ' ଓ 'ବର୍ଷା କ୍ଲବ୍' କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଇଲେଭେନ୍ ବୁଲେଟ୍ସ କ୍ଲବ୍ ମଞ୍ଚରେ 'ଉପାସନା ଡ୍ୟାନ୍ସ ଏକାଡେମୀ' ଓ 'ମୟୂର ଡ୍ୟାନ୍ସ ଏକାଡେମୀ' ତରଫରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଭଜନ ମଣ୍ଡପରେ ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର କେନ୍ଦୁଝର ସୋମନାଥ ପ୍ରଧାନ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବଳଦେବଜୀଉଙ୍କ ରଥ ବିଶ୍ୱର ସର୍ବୋଚ୍ଚ ରଥର ମାନ୍ୟତା ପାଇବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିବା ସହିତ ବଳଦେବଜୀଉଙ୍କର ସଂସ୍କୃତିର ଅଭିବୃଦ୍ଧି, ଅଧିକ ପ୍ରଚାର ଓ ପ୍ରସାର ପାଇଁ ସମସ୍ତେ ନିଷ୍ଠାର ସହ ଆଗେଇ ଆସିବାକୁ ନିବେଦନ କରିଥିଲେ। ସାଂସ୍କୃତିକ କମିଟିର ସଦସ୍ୟମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳିତ ହେଉଛି । ଜୁଲାଇ ୧୩ ତାରିଖ ସୁନାବେଶ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉକ୍ତ ସାଂସ୍କୃତିକ ସମାରୋହରେ ଆଞ୍ଚଳିକ କଳାକାର, ଜିଲ୍ଲାର ବିଭିନ୍ନ ଅଞ୍ଚଳର ପ୍ରତିଷ୍ଠିତ ସାଂସ୍କୃତିକ ଦଳ ଏବଂ ରାଜ୍ୟର ବିଭିନ୍ନ ଜିଲାର ସୁନାମଧନ୍ୟ ସାଂସ୍କୃତିକ ଦଳମାନେ ଅଂଶଗ୍ରହଣ କରୁଛନ୍ତି।

## ସଡ଼କ ଦୁର୍ଘଟଣା : ଜଣେ ମୃତ, ୩ ଗୁରୁତର

**ତେଲକୋଇ, ୭।୭(ଡି.ଏନ.ଏ.)**

ତେଲକୋଇ ଥାନା ଅନ୍ତର୍ଗତ ସିରିଗିଡା ଠାରେ ଉଭୟ ପଟୁ ଆସୁଥିବା ୨ବାଇକ ମୁହାଁମୁହିଁ ଯୋଗୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତରଙ୍କୁ କେନ୍ଦୁଝର ଅନ୍ୟ ୨ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ରବିବାର କରଦାଙ୍ଗୀ ପଞ୍ଚାୟତ ଆମ୍ବ ତଇଲା ସାହିରୁ ନରେନ୍ଦ୍ର ମହାନ୍ତ(୩୨)ଏବଂ ତାଙ୍କର ଅପା ପୁଅ ସୁବାସ ଚନ୍ଦ୍ର ମହାନ୍ତ ରାଣିବେଡା ଝିଅ ଦେଖିବା ଲାଗି ଯାଉଥିଲେ। ତେବେ ଅପରପକ୍ଷରୁ ତେଲକୋଇ ଅଭିମୁଖେ ଆସୁଥିବା ବାଇକରେ ବାପା ବାସୁଦେବ ମହାନ୍ତ(୫୦), ପୁଅ ସୁବ୍ରତ ମହାନ୍ତ(୭)ଙ୍କ ସାଙ୍ଗରେ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ନରେନ୍ଦ୍ରଙ୍କର ମୃତ୍ୟୁ ହୋଇଥିବା ବେଳେ ସୁବାସ ଗୁରୁତର ଆହତ ହୋଇଛନ୍ତି। ସେହିପରି ଅପରପକ୍ଷେ ବାପ ପୁଅ ଗୁରୁତର ହେବା ଯୋଗୁଁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

**ଆନନ୍ଦପୁର, ୭।୭(ସ୍ୱ.ପ୍ର.)**

ଘସିପୁରା ଝାଡ଼େଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଘସିପୁରା ବିଇଓ କ୍ଷେତ୍ରମୋହନ ହାଂସ୍‌ଦାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ କେନ୍ଦୁଝର ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଘସିପୁରା ବ୍ଲକ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ଜିଲା ଖଣିଜ ପାଣ୍ଠି ଆନୁକୂଲ୍ୟରେ ଅଗଷ୍ଟ ୨୪ରେ ଅନୁଷ୍ଠିତ ହେବାକୁ ଥିବା ଡିଏମ୍‌ଏଫ୍ ମେଧାବୃତ୍ତି ପରୀକ୍ଷାର ନିୟମାବଳୀ, କାର୍ଯ୍ୟଧାରା ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ତ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଛାତ୍ରୀଛାତ୍ରଙ୍କର ୭୦ ପ୍ରତିଶତ ଉପସ୍ଥାନ ସହିତ ଆଧାରକାର୍ଡ ବାଧ୍ୟତାମୂଳକ ବୋଲି କୁହାଯାଇଥିଲା। ବ୍ଲକର ସମସ୍ତ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦ ପ୍ରତିଶତ ପରୀକ୍ଷାର୍ଥୀଙ୍କୁ ମେଧାବୃତ୍ତି ଦେବାର ଯୋଜନା ରହିଥିବାବେଳେ ତୃତୀୟ ପାଇଁ ୨୦୦୦, ପଞ୍ଚମ ପାଇଁ ୪୦୦୦ ଏବଂ ଅଷ୍ଟମ ପାଇଁ ୬୦୦୦ ଟଙ୍କାର ମେଧାବୃତ୍ତି ପ୍ରଦାନ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ଗୁରୁତ୍ୱାରୋପ କରିଥିଲେ। ଏବିଇଓ କୃଷ୍ଣପ୍ରସାଦ ମହାପାତ୍ର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବାବେଳେ ମନମୋହନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଘସିପୁରା ବ୍ଲକର ସମସ୍ତ ସିଆର୍‌ସିସି, ପ୍ରଧାନ ଶିକ୍ଷକ ଯୋଗଦେଇଥିବାବେଳେ ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ଦାସ, ଏବିଇଓ ଉତ୍ତମ କୁମାର ନାୟକ, ଏମ୍‌ଆଇଏସ୍ ସଂଯୋଜକ ସରୋଜକାନ୍ତ କୁଅଁର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ସୁରେଶ ଚନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ରାଉତ, ଶିକ୍ଷକ ସତ୍ୟ ଶିବ ସୁନ୍ଦର ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ସୁନାନଦୀ ସୁରକ୍ଷା ପାଇଁ ଜଳମାନବଙ୍କ ଯୋଡ଼ା ଗସ୍ତ

# ଟାଟା କମ୍ପାନୀକୁ ଦେଲେ ଚେତାବନୀ

**ଯୋଡ଼ା, ୭।୭(ଡି.ଏନ.ଏ.)**

ଯୋଡା ସହରର ଜୀବନରେଖା ସୁନାନଦୀ। ଏଥିରେ ବେଆଇନ୍ ବନ୍ଧ ନିର୍ମାଣ ଉପରେ ସମୀକ୍ଷା କରିବା ପାଇଁ ରମନ୍ ମାଗସେସ୍ ପୁରସ୍କାରପ୍ରାପ୍ତ ଜଳମାନବ ଡ. ରାଜେନ୍ଦ୍ର ସିଂ ରବିବାର ଯୋଡା ଗସ୍ତ କରିଛନ୍ତି। ଅପରାହ୍ନ ୫ଟାରେ ଯୋଡା ବ୍ଲକ ଭୂୟାଁରୋଇଡା ପଞ୍ଚାୟତର ଖଣ୍ଡବନ୍ଧ ନିକଟରେ ଥିବା ଟାଟା କମ୍ପାନୀର ଚୋରମାଲଦା ୧୦ନଂ ଖଣି ନିକଟସ୍ଥ ସୁନା ନଦୀ ଉପରେ ଟାଟା କମ୍ପାନୀ ନିର୍ମାଣ କରିଥିବା ବନ୍ଧ ନିକଟରେ ପହଞ୍ଚିଥିଲେ । ତାଙ୍କ ସହିତ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାଶ, ସଂଯୋଜକ ବିଜୟ ପ୍ରଧାନ, ଅନ୍ତର୍ଜାତୀ ବୁଡାଳି ସବୀର ବକ୍ସ, ସୁନାନଦୀ ଓ କାରୋ ନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ଅଶୋକ ଠକ୍କର, ସଦସ୍ୟ ଦେବକାନ୍ତ ଦାସ, କାହ୍ନୁ ଓରାମ୍ ପ୍ରମୁଖ ପହଞ୍ଚି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସୁନାନଦୀ ଉପରେ ଟାଟା କମ୍ପାନୀ ନିର୍ମାଣ କରିଥିବା ବେଆଇନ୍ ବନ୍ଧ ଉପରେ ପଚାରି ବୁଝିଥିଲେ । ଏହି ନଦୀର ସୁରକ୍ଷା ପାଇଁ ସେ ସ୍ଥାନୀୟ ଯୁବକମାନଙ୍କୁ ଆଗେଇ ଆସିବା ସହିତ ଏହାକୁ ତୀବ୍ର ବିରୋଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିପାଇଁ ସେ ସମ୍ପୂର୍ଣ୍ଣ ରୂପେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଥିଲେ। ସେ ଗତ ୩୫ ବର୍ଷ ହେଲା ଦେଶର ନଦୀ ଗୁଡ଼ିକର ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ନିବେଦନ ପରେ ସେ ଭୁବନେଶ୍ୱରକୁ ଆସିଥିଲେ। ସେ ସରକାର କିମ୍ବା କମ୍ପାନୀ ଗୁଡ଼ିକର ବିନା ସହଯୋଗରେ ସ୍ଥାନୀୟ ଲୋକମାନଙ୍କ ଶକ୍ତି, ଏକତାରେ ଏହି କାର୍ଯ୍ୟ କରିପାରିଥିବା ଏବଂ ସୁନାନଦୀକୁ ମଧ୍ୟ ଲୋକମାନଙ୍କ ସହଯୋଗରେ ପୂର୍ଣ୍ଣ ସୁରକ୍ଷା ଦେଇପାରିବେ ବୋଲି ଉପସ୍ଥିତ ସ୍ଥାନୀୟ ଅଞ୍ଚଳବାସୀଙ୍କୁ କହିଥିଲେ। ଓଡ଼ିଶାରେ ଥିବା ନଦୀର ସୁରକ୍ଷା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଥିବା ଡ. ରାଜେନ୍ଦ୍ର ସିଂ ତାଙ୍କ ପ୍ରତିକ୍ରିୟାରେ ଗଣମାଧ୍ୟମକୁ କହିଥିଲେ।



ଜଳମାନବ ଡ.ରାଜେନ୍ଦ୍ର ସିଂହଙ୍କ ସୁନା ନଦୀ ସୁରକ୍ଷା ପାଇଁ ଯୋଡା ଗସ୍ତ।

## ସୂଚନା ଅଧିକାର ଆଇନରେ ବ୍ଲାକମେଲିଂ ଘଟଣା: ଜଣେ ଗିରଫ

**କେନ୍ଦୁଝର, ୭।୭(ଡି.ଏନ୍.ଏ.)**

କେନ୍ଦୁଝର ଜିଲାର ଜଣେ ବ୍ୟକ୍ତି ଏକ ବେସରକାରୀ ସଂସ୍ଥାକୁ ଚାନ୍ଦା ମାଗି ରବିବାର ଜେଲ ଯାଇଛନ୍ତି। କେନ୍ଦୁଝର ଜିଲାରେ କାର୍ଯ୍ୟରତ ଓସ୍କା ସ୍ୱେଚ୍ଛାସେବୀ ସଙ୍ଗଠନ ନାବାର୍ଡ ଦ୍ୱାରା ପରିଚାଳିତ ୱାଡି ପ୍ରୋଜେକ୍ଟ କାମ କରୁଛି। କ୍ନାବାର୍ଡକୁ କେନ୍ଦୁଝର ସହରର ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିବା ପରେ ଉପରୋକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନକୁ ସମ୍ପୃକ୍ତ ବ୍ୟକ୍ତି ଜଣକ ୨ଲକ୍ଷ ଟଙ୍କା ଚାନ୍ଦା ଦାବି କରିଥିଲେ। ସମ୍ପୃକ୍ତ ସଂସ୍ଥା ତରଫରୁ ଏହାକୁ ନେଇ କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ସ୍ୱେଚ୍ଛାସେବୀ ସଂଗଠନ ଓସ୍କାର ସମ୍ପାଦିକା ଧରିତ୍ରୀ ରାଉତଙ୍କ ଅଭିଯୋଗକୁ ଭିତ୍ତି କରି ଟାଉନ ପୋଲିସ ଏକ ମାମଲା (ନଂ ୧୮୦/୨୦୧୯) ରୁଜୁ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ କୋର୍ଟଚାଲାଣ କରାଯାଇଛି।

## ଦୈତାରୀଙ୍କୁ ଭେଟିଲେ ଜଳମାନବ ରାଜେନ୍ଦ୍ର ସିଂହ

**କେନ୍ଦୁଝର, ୭।୭(ଡି.ଏନ୍.ଏ.)**

ଦେଶର ଜଳପୁରୁଷ ଭାବେ ପରିଚିତ ଡ଼ ରାଜେନ୍ଦ୍ର ସିଂହ ରବିବାର କେନ୍ଦୁଝରଠାରେ ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ଭେଟିଛନ୍ତି। କେନ୍ଦୁଝର ସର୍କିଟ ହାଉସଠାରେ ମାଗାସେସ୍ ପୁରସ୍କାର ବିଜେତା ଜଳପୁରୁଷ ଡକ୍ଟର ରାଜେନ୍ଦ୍ର ସିଂହ ପଦ୍ମଶ୍ରୀ ଦୈତାରୀ ନାଏକଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଦୈତାରୀ ପାହାଡ ଉପରୁ କିପରି ପାଣି ଆଣି ଗାଁ ଚାଷଜମିରେ ପହଞ୍ଚାଇଥିଲେ ସେ ସମ୍ପର୍କରେ ଡକ୍ଟର ସିଂହ ସବିଶେଷ ପଚାରି ବୁଝିଥିଲେ। ସମସ୍ତ କଥା ଅବଗତ ହେବା ପରେ ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ଜଳପୁରୁଷ ଭାବେ ଅଭିହିତ କରିଥିଲେ।

# ଗଛମୂଳେ ଚାଲିଛି ମଧ୍ୟାହ୍ନଭୋଜନ

**ଚମ୍ପୁଆ, ୭।୭(ଡି.ଏନ୍.ଏ)**


ଘାସ ଗାଲିଚା ଓ ଗଛମୂଳେ ବସି ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି।

ସମସ୍ତେ ପଢ଼ିବେ ସମସ୍ତେ ବଢ଼ିବେ ଆଧାରରେ ସରକାର ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରଥମରୁ ୮ମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରିଛନ୍ତି। ଏହି ମଧ୍ୟାହ୍ନଭୋଜନ ପାଇଁ ପଞ୍ଚନିୟମ ପ୍ରଣୟନ କରାଯାଇଛି। ମାତ୍ର ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩ ଶହ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯାଉଥିବା ବେଳେ ଏମାନଙ୍କ ବସିବା ପାଇଁ କୌଣସି ସ୍ଥାନ ନିରୂପଣ କରାଯାଉନାହିଁ।

ସୂଚନା ଅନୁସାରେ, ୧୯୪୮ ମସିହାରେ ନିର୍ମିତ ଏହି ଉଚ୍ଚ ବିଦ୍ୟାଳୟ ଠିକ୍ ରହୁଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ଏହାର ଦାୟିତ୍ୱ ତୁଲାଉଛି। ବିଦ୍ୟାଳୟ ପରିସରରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ପାଇଁ ରୋଷେଇଶାଳ ରହିଛି, ମାତ୍ର ଛାତ୍ରୀଛାତ୍ରଙ୍କ ବସିବା ପାଇଁ ସ୍ଥାନ ନ ଥିବାରୁ ସେମାନେ ଗଛମୂଳେ ବସି ମଧ୍ୟାହ୍ନଭୋଜନ ଖାଉଛନ୍ତି। ମଧ୍ୟାହ୍ନଭୋଜନ ପାଇଁ ଥିବା ପଞ୍ଚନିୟମ ଯଥା- ସୁରକ୍ଷିତ ପରିଷ୍କାର ସ୍ୱାସ୍ଥ୍ୟକର କେବଳ ଧାଡ଼ି ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦେଉଥିବା ବେଳେ ପିଲା ହାତ ଧୋଇଲେ କି ନାହିଁ ଏବଂ ପିଲାମାନେ କେମିତି ସୁସ୍ଥ ପରିବେଶରେ ବସି ଖାଇପାରିବେ ସେଥିପ୍ରତି ଧ୍ୟାନ ଦେଉନାହାନ୍ତି। ଗଛମୂଳ ସନ୍ତସନ୍ତିଆ ଘାସ ଗାଲିଚା ଉପରେ ବସି ପିଲାମାନେ ଖାଉଥିବା ଦେଖିବାକୁ ମିଳିଛି। ପରିତାପର ବିଷୟ ଏହି ଯେ, ବିଦ୍ୟାଳୟକୁ ଲାଗିଥିବା ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମହାନ୍ତଙ୍କୁ ପଚାରିବାରୁ ୨ ବର୍ଷ ତଳେ ପିଲାମାନେ ବସି ଖାଇବା ପାଇଁ ଏକ ଶେଡ୍ ନିର୍ମାଣ କରିବାକୁ ତତ୍କାଳୀନ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସେଠୀ ବିଭାଗକୁ ଚିଠି କରିଥିଲେ। ମାତ୍ର ତାହା ଆଜିପର୍ଯ୍ୟନ୍ତ ହୋଇପାରିନାହିଁ। ତୁରନ୍ତ ଏଥିପାଇଁ ବିଭାଗକୁ ଚିଠି କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।